# ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବ ୨୦୧୦

## (୨୭.୦୧.୨୦୧୦, ଦ୍ୱିତୀୟ ସନ୍ଧ୍ୟା)

ଆଦିବାସୀ ମେଳା ଓ ସାଂସ୍କୃତିକ ଉତ୍ସବର ଦ୍ୱିତୀୟ ସଂଧ୍ୟାରେ ବିଧାନସଭାର ଉପବାଚସ୍ପତି ଶ୍ରୀଯୁକ୍ତ ଲାଲ୍‌ବିହାରୀ ହିମିରୀକା, ପରିଚାଳନା ନିର୍ଦ୍ଦେଶକ, ଇଷ୍ଟର୍ଣ୍ଣ ମିଡ଼ିଆ ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ, ଶାସନ ସଚିବ ଶିଳ୍ପ ଇତ୍ୟାଦିଙ୍କୁ ବିଶେଷ ଅତିଥି ଭାବରେ ନିମନ୍ତ୍ରିତ କରାଯାଇଥିଲା । ଏହି ଉତ୍ସବରେ ସେମାନେ ଆଦିବାସୀ ମେଳାର ସାର୍ବଜନୀନତା ଉପରେ ନିଜସ୍ୱ ମନ୍ତବ୍ୟ ଉପସ୍ଥାପିତ କରିଥିଲେ । ଏହି ସଂଧ୍ୟାରେ ଜୟପୁର ଆଇ.ଟି.ଡ଼ି.ଏ ଦ୍ୱାରା ପ୍ରାୟୋଜିତ ଦୁରୁଆ ନୃତ୍ୟ, ଡି.କେ.ଡି.ଏ, ପାର୍ସଲି ପ୍ରାୟୋଜିତ ଡଙ୍ଗରିଆ କନ୍ଧ ନୃତ୍ୟ ଏବଂ ଆଇ.ଟି.ଡ଼ି.ଏ., ଗୁଣୁପୁର ପ୍ରାୟୋଜିତ ସଉରା ନୃତ୍ୟ ପରିବେଷିତ ହୋଇଥିଲା । ଏହାଛଡ଼ା **K.I.S.S.**ଅନୁଷ୍ଠାନର ଆଦିବାସୀ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିବିଧ ସାଂସ୍କୃତିକ ବିଚିତ୍ରା ପରିବେଷଣ କରାଯାଇ ଆଦିବାସୀ ପରିସରକୁ ନୃତ୍ୟ ସଂଗୀତମୟ କରାଯାଇଥିଲା । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସମଗ୍ର ମେଳା ପରିସରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଦର୍ଶକମାନଙ୍କୁ ଆପ୍ୟାୟିତ କରିଥିଲେ ।